## ସଂକ୍ଷେପରେ

### ୭ ଗୋରୁ ଜବତ

ସିମୁଳିଆ,୨୫।୮(ସନ୍ତୋଷ ନାୟକ): ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସିମୁଳିଆ ଥାନାଠାରୁ ୨ କି.ମି. ଦୂର ଭଗିଆ ନିକଟରେ ରବିବାର ଅପରାହ୍ଣରେ ଜବତ ହୋଇଛି। ଏହି ଗାଡ଼ିରେ ଥିବା ୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଦୟନୀୟ ଅବସ୍ଥାରେ ଗୋରୁଗୁଡ଼ିକର ଗୋଡ଼ବାନ୍ଧି ଭ୍ୟାନ୍ ମଧ୍ୟରେ ପକାଇ ନିଆଯାଉଥିବା ବେଳେ ଗୋଟିଏ ଗାଇର ମୃତ୍ୟୁ ଘଟିଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଗୋରୁ ଗୁଡ଼ିକର ଗୋଡ଼ ଖୋଲି ଦେବା ସହିତ ଭ୍ୟାନ୍‌ର ଆଗ କାଚ ଓ ଲାଇଟ୍ ଭାଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଭ୍ୟାନକୁ ଜବତ କରିଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ମଇତାପୁରସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି।

### ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ

ବାଲିଆପାଳ,୨୫।୮(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ଶାଖା ସୂଚନା ଅଧିକାର ଆଇନ ଅଭିଯାନର ସଦସ୍ୟମାନଙ୍କୁ ସ୍ଥାନୀୟ ଜଣେ ବ୍ୟବସାୟୀ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର ଆଇନ ଅଭିଯାନର କାର୍ଯ୍ୟକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସରକାରଙ୍କ ମଞ୍ଜୁରୀ ଅର୍ଥରେ ବାଲିଆପାଳ ଅଞ୍ଚଳର ଚାଷୀଙ୍କ ପାଇଁ କୋଲ୍ଡଷ୍ଟୋର ଓ ଏକ ରାଇସ୍ ମିଲ ନିର୍ମାଣ ପାଇଁ ବ୍ୟବସାୟୀ ବିଜୟ ବିଶ୍ୱାଳ ଇଡ୍‌କୋଠାରୁ ଜମି ଲିଜ୍ ନେଇଥିଲେ। ମାତ୍ର ଉକ୍ତ ଜମିରେ କୋଲ୍ଡଷ୍ଟୋର କିମ୍ବା ରାଇସ୍ ମିଲ୍ ନିର୍ମାଣ ନ କରି ଝୋଟ ଗୋଦାମ କରି ବ୍ୟବସାୟ ଚଳାଇ ଆସୁଛନ୍ତି। ଫଳରେ ଚାଷୀ କୋଲ୍ଡଷ୍ଟୋର ସୁବିଧା ନ ପାଇ ଶାଗମାଛ ଦରରେ ପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହା ବ୍ୟତୀତ ବ୍ୟବସାୟୀ ବିଶ୍ୱାଳ କୋଲ୍ଡଷ୍ଟୋର ଓ ରାଇସ୍ ମିଲ ନ କରି ମଧ୍ୟ ସବ୍‌ସିଡି ଟଙ୍କା ଉଠାଇ ନେଇଥିବା ସଂଘର ଆବାହକ ଅନୁଜ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ଏ ବାବଦରେ ସଂଘ ପକ୍ଷରୁ କୋର୍ଟରେ ଏକ ମାମଲା(ନଂ. ଏଲ ୱାଇ ୬୯୪/୨୦୨୩) ରୁଜୁ ହୋଇଛି। କୋର୍ଟରୁ ଏହି କେସକୁ ଉଠାଇ ନେବା ପାଇଁ ବ୍ୟବସାୟୀ ବିଶ୍ୱାଳ ସୂଚନା ଅଧିକାର ଆଇନ ଅଭିଯାନର ସଦସ୍ୟମାନଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବ୍ୟବସାୟୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କାହାକୁ ଧମକ ଦେଇ ନାହାନ୍ତି। ସୁବର୍ଣ୍ଣରେଖା ବନ୍ଦର ରାସ୍ତା ନିର୍ମାଣ ପାଇଁ କୋଲ୍ଡଷ୍ଟୋର ଓ ରାଇସ୍ ମିଲ୍ କାର୍ଯ୍ୟ ଆଗେଇ ପାରୁନି ଏବଂ ଉକ୍ତ ପ୍ଲଟ ଦେଇ ବନ୍ଦରକୁ ରାସ୍ତା ଯାଇଛି ବୋଲି କହିଛନ୍ତି।

### କ୍ଷେତ୍ର ପରିଦର୍ଶନ କଲେ ଜିଲାପାଳ
#### ୩୦ରେ ହାଇଜେନିକ୍ ମାଛ ମଣ୍ଡିର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ବାଲେଶ୍ୱର,୨୫।୮(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ବସ୍ତାବ୍ଲକ ଅନ୍ତର୍ଗତ ବାହାର୍ଦ୍ଧା କୃଷି ଫାର୍ମରେ ରାଜ୍ୟର ବୃହତ ହାଇଜେନିକ୍ ମାଛ ମଣ୍ଡି ନିର୍ମାଣ ହେବ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କ୍ଷେତ୍ର ପରିଦର୍ଶନ ପୂର୍ବକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୭୮.୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ଫାର୍ମ ଅନ୍ତର୍ଗତ ୨୦ ଏକର ଜମିରେ ଏହି ହାଇଜେନିକ ମାଛ ବଜାର ନିର୍ମାଣ ହେବ। ଆସନ୍ତା ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏ ସମ୍ପର୍କରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗତ ୨୩ ତାରିଖରେ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ମାଛ ହବ୍ ପ୍ରତିଷ୍ଠା ଦ୍ୱାରା ବାଲେଶ୍ୱରର ବିକାଶ ସହ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ଲାଭବାନ ହେବେ ବୋଲି ଏମ୍‌ପି କହିଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିର୍କେ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା , ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ମୂରଲୀଧର ଜେନା, ଜିଲା ମତ୍ସ୍ୟ ଅଧିକାରୀ ଜୀତେନ୍ଦ୍ର କୁମାର ବେହେରା, ତହସିଲଦାର ରାଧାରଞ୍ଜନ ଦାସ, ବିଡିଓ ମୋହିନୀ କୁମାର ନାଏକ, ବ୍ଲକ ମତ୍ସ୍ୟ ଅଧିକାରୀ ସ୍ୱର୍ଣ୍ଣରେଖା ବେହେରା, ବ୍ଲକ କୃଷି ଅଧିକାରୀ ଶ୍ରଦ୍ଧା ହୋତା, କନିଷ୍ଠ ଯନ୍ତ୍ରୀ ଉମାଶଙ୍କର ବେହେରା ଓ ଏସ. କେ. ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ମଥାନୀ ବାଳାଶ୍ରମରେ ଅବ୍ୟବସ୍ଥା

■ରାତିରେ ପରିଦର୍ଶନ କଲେ ଜିଲାପାଳ
■ସମସ୍ୟାର ସମାଧାନ ପାଇଁ ପରିଚାଳକଙ୍କୁ ନିର୍ଦ୍ଦେଶ

ବାଲେଶ୍ୱର,୨୫।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ମାଗୁଣି ଚରଣ ବାଳାଶ୍ରମରେ ଅବ୍ୟବସ୍ଥା ଦେଖାଦେଇଛି। ଏ ସମ୍ପର୍କରେ ଅଭିଯୋଗ ପାଇ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶନିବାର ରାତିରେ ଅଚାନକ ବାଳାଶ୍ରମ ପରିଦର୍ଶନ କରିଥିଲେ। ଘଟଣାର ତଦନ୍ତ କରିବା ସହ ବାଳାଶ୍ରମର ପରିଚାଳକଙ୍କ ଉପରେ ଖୁବ ବର୍ଷିଥିଲେ।

ସୂଚନା ମୁତାବକ, ଉକ୍ତ ଅବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ଭିତରେ ରହୁଥିବା, ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ନିର୍ଯାତନା ଦେଉଥିବା ନେଇ ଟୋଲ୍ ଫ୍ରି ନମ୍ବରରେ ପିଲାମାନେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଜିଲାପାଳଙ୍କ ସମେତ ଆଇପିଏସ୍ ପ୍ରୋବେସନର ଅଭିଷେକ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ, ତହସିଲଦାର ରାଧାରଞ୍ଜନ ଦାସ ଓ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଅଚାନକ ବାଳାଶ୍ରମରେ ପହଞ୍ଚି ପିଲାମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥି ସହ ହଷ୍ଟେଲ, ଶ୍ରେଣୀ କକ୍ଷ, ରୋଷେଇ ଘର, ପାଇଖାନା ଇତ୍ୟାଦି ବୁଲି ଦେଖିଥିଲେ। ବାଳାଶ୍ରମର ପରିଚାଳକ ହରିହର ମହାପାତ୍ର ପିଲାଙ୍କୁ ନାନାଦି ନିର୍ଯାତନା ଦେଉଥିବା ପିଲାଙ୍କଠାରୁ ଅବଗତ ହେବା ପରେ ଜିଲାପାଳ ତାଙ୍କୁ ତାଗିଦା କରିଥିଲେ । ୧୫ ଦିନ ମଧ୍ୟରେ ବିଦ୍ୟାଳୟର ସମସ୍ତ ସମସ୍ୟାର ସାମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନ ହେଲେ ଛାତ୍ରୀଛାତ୍ରଙ୍କୁ ଅନ୍ୟ ହଷ୍ଟେଲକୁ ସ୍ଥାନାନ୍ତର କରି ବାଳାଶ୍ରମ ବନ୍ଦ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଥିଲେ।


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ବାଳାଶ୍ରମ ପରିଦର୍ଶନ କରି ଫେରୁଛନ୍ତି।

## ବିଜେଡି ନେତାଙ୍କ ଆତ୍ମହତ୍ୟା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ),୨୫।୮

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜମ୍ବିରାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟନ୍ତୀ ନାୟକଙ୍କ ପୁତ୍ର ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ନାୟକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ସେ ବ୍ରେନ୍ ଟ୍ୟୁମର ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରବିବାର ଭୋର ୫ଟା ସମୟରେ ଘର ନିକଟସ୍ଥ ସୁନ୍ଦରୋକୁଇଲି ଶିବ ମନ୍ଦିର ପଛପଟେ ଥିବା ଏକ ଗଛରେ କାର୍ତ୍ତିକଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖିଥିଲେ। ଖବରପାଇ ବାଲିଆପାଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କାର୍ତ୍ତିକ ବିଜେଡିର ଜଣେ ଆଗଧାଡ଼ିରନେତା ଥିଲେ। ମା' ସରପଞ୍ଚ ଥିବାବେଳେ ତାଙ୍କର ସମସ୍ତ କାର୍ଯ୍ୟ କରି ପଞ୍ଚାୟତରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ, ଗୋବିନ୍ଦ ପ୍ରସାଦ ଦାସ, ନିଶାକର ସେଠୀ, ଅଜୟ ସାମଲ,ପୂର୍ବତନ ସରପଞ୍ଚ ମନ୍ମଥ ନାୟକଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଲେ।


କାର୍ତ୍ତିକ ଚନ୍ଦ୍ର ନାୟକ।

## 'ସଂସ୍କୃତ ଭାଷାର ସୁରକ୍ଷା ଜରୁରୀ'


ସଂସ୍କୃତି ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ନୀଳମଣି ମହାବିଦ୍ୟାଳୟରେ ସଂସ୍କୃତ ଦିବସ**

ବାଲେଶ୍ୱର,୨୫।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ 'ସଂସ୍କୃତ ଦିବସ'ପାଳିତ ହୋଇଯାଇଛି। ନୂତନ ଏକାଡେମିକ ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସୀମାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କ୍ଷିତୀଶ୍ୱର ଦାଶ ଯୋଗଦେଇ ସଂସ୍କୃତ ଦିବସ ପାଳନର ମହତ୍ତ୍ୱ ବୁଝାଇବା ସହ ଏହି ଭାଷାର ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପିକା ନୀଳିମା ପାତ୍ର ମଞ୍ଚାସୀନ ଥିଲେ। ଛାତ୍ରୀ ଉତ୍ପଳିକା ନାୟକ, ମୋନାଲିସା ପଣ୍ଡା, ବିବିଧା ଆହୁତି ପ୍ରିୟଦର୍ଶିନୀ ଓ ଅନୁପମା ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ସନ୍ଧ୍ୟାସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ । ସଂସ୍କୃତ ବିଭାଗର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର,୨୫।୮(ରବିନାରାୟଣ ପାତ୍ର): ରାଇବଣିଆ ଥାନା ଅଧୀନ ଖୁଦିଆମାଝିସାହି ପଞ୍ଚାୟତର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାବାଡ଼-ବଳଭଦ୍ରପୁର ଗାଁର ହେମନ୍ତ ଗାନ୍ଧୀଙ୍କ ସ୍ତ୍ରୀ କାଞ୍ଚନ (୪୦)। ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ୨ଟା ବେଳେ ସେ ବିଲ କାମ ସାରି ଗାଈ ପାଇଁ ହିଡ଼ରୁ ଘାସ କାଟୁଥିଲା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ହାତୀଗଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ନାବାଳକ ପୁଅ ଓ ଝିଅ ଅଛନ୍ତି। ଖୁଦିଆମାଝିସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସତ୍ୟଶୋଭନ ମିଶ୍ର ମୃତ ମହିଳାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଦେବସେନାର ପ୍ରଶିକ୍ଷଣ ଶିବିର

ବାଲେଶ୍ୱର(ବାଞ୍ଛାନିଧି ଦେ)/ବସ୍ତା(ହରିଶଙ୍କର ପାଢ଼ୀ),୨୫।୮: ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକ ଦେବସେନା ତରଫରୁ ରବିବାର ଦେବସୈନିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବସ୍ତା ବ୍ଲକ ପ୍ରଭାରୀ ପଙ୍କଜ କୁମାର ପଣ୍ଡା ଉପସ୍ଥିତ ଦେବସୈନିକମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ଜିଲା ଆଇଟି ସେଲ୍ ପ୍ରକୋଷ୍ଠ ଅଧ୍ୟକ୍ଷ ସତ୍ୟରଞ୍ଜନ ପାଣି, ଜିଲା ଗୋ ସୁରକ୍ଷା ପ୍ରକୋଷ୍ଠ ଅଧ୍ୟକ୍ଷ ମନୋଜ ସାମଲ, ବସ୍ତା ବ୍ଲକ ଦେବସେନା ପରାମର୍ଶଦାତା କୁମୁଦ ରଞ୍ଜନ ଗିରି, କୋଷାଧ୍ୟକ୍ଷ ସୀତାକାନ୍ତ ଦାସ, ଉପାଧ୍ୟକ୍ଷ ଅର୍ଚ୍ଚନା ଦତ୍ତ, ପଦନ କୁମାର ନନ୍ଦୀ, କାଳିପଦ ଆଗୁଆଣି, ଗୌତମ ଦାସ, ଦରଡ଼ା ପଞ୍ଚାୟତ ସଭାପତି ଇଲୁ ବିଶ୍ୱାଳ, ମହାସଚିବ ପ୍ରୀତମ ବିଶ୍ୱାଳ, ନରେନ୍ଦ୍ର ସେଠୀ, କାଶୀନାଥ ବିଶ୍ୱାଳ, ଦୀପକ ସାହୁ, ସନ୍ତୋଷ ସାହୁ, ଆକାଶ ମହାନ୍ତି,ରଞ୍ଜୟ ଦାସ ପ୍ରମୁଖ ଦେବସୈନିକ ପ୍ରଶିକ୍ଷଣ ନେଇଥିଲେ। ଦେବସେନା ଜିଲା ଅଧ୍ୟକ୍ଷ ଶଙ୍କର ଜେନା ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବରେଣ୍ୟ ଲେଖକ ଶିଶିର କୁମାର ରଥ ପ୍ରଶିକ୍ଷଣ ଶିବିରରେ ପ୍ରଥମ ସଦସ୍ୟତା ଗ୍ରହଣ କରିଥିଲେ। ଅନ୍ତର୍ଯ୍ୟାମୀ ରାଉଳ ଧନ୍ୟବାଦ ଦେଇଥିଲେ।

## ଜଳ ପ୍ରକଳ୍ପ, ରାସ୍ତା ନିର୍ମାଣରେ ବିଳମ୍ବ
### ଅଧିକାରୀ ଓ ଠିକାଦାରଙ୍କ ଉପରେ ବର୍ଷିଲେ ବିଧାୟକ

ଖଇରା୨୫।୮(ଉତ୍କଳବନ୍ଧୁ ପଣ୍ଡା)

ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ରବିବାର ଖଇରା ବ୍ଲକର ରଟିଣା ଓ କଳମଚୁଆ ଗସ୍ତ କରି ସେଠାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ ଅନୁଧ୍ୟାନ କରିବା ସହ ପ୍ରକଳ୍ପ ସମ୍ପୂର୍ଣ୍ଣରେ ଅହେତୁକ ବିଳମ୍ବ ପାଇଁ ଅଧିକାରୀ ଓ ଠିକାଦାରଙ୍କ ଉପରେ ବର୍ଷିଛନ୍ତି। ପ୍ରଥମେ ରଟିଣାରେ ପହଞ୍ଚି ମହ୍ଲାରୀରୁ ଧନିଆବନ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବର୍ଷେ ପରେ ମଧ୍ୟ ଆରମ୍ଭ ହୋଇ ପାରି ନ ଥିବାରୁ ଠିକାଦାର ରାକେଶ ପଣ୍ଡା ତଥା ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ରାସ୍ତାକୁ ଆମ୍ବହତା ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଗ୍ରାମବାସୀମାନେ ଦାବି କରିବା ପରେ ସେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ। କଳମଚୁଆଠାରେ ୨୫ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ହେଉଥିବା ଅନିୟମିତତା ଏବଂ ଦିର୍ଘଦିନ ଧରି କାର୍ଯ୍ୟ ବନ୍ଦ ରହିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିବାରୁ ବିଧାୟକ ପଣ୍ଡା ଏଥିପାଇଁ ଠିକାଦାରଙ୍କୁ ତାଗିଦା କରି ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ବେଳେ ପାଇପ ବିଛାଯିବା ପରେ ମାସ ମାସ ଧରି କଂକ୍ରିଟ ରାସ୍ତାକୁ ଖୋଳି ଛାଡ଼ି ଦିଆଯିବାକୁ ନେଇ ବିଭିନ୍ନ ଗ୍ରାମର ଅଧିବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଉପସ୍ଥିତ ଥିଲେ।


ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ରାଜ୍ୟସ୍ତରୀୟ ବାର୍ଷିକ ସାହିତ୍ୟ ଉତ୍ସବ

ବାଲେଶ୍ୱର,୨୫।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ଭେନିଆ ପାରାଡାଇସ ପରିସରରେ ରବିବାର ରାଜ୍ୟସ୍ତରୀୟ ବାର୍ଷିକ ସାହିତ୍ୟ ଉତ୍ସବ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ପତ୍ରିକାର ୩୫ଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ସମ୍ମାନିତ ଅତିଥି କବି ରତ୍ନାକର ରାଉତ, ବିଶିଷ୍ଟ କବି ଓ ଗାଳ୍ପିକ ଅଜୟ ସ୍ୱାଇଁ, କବି ପ୍ରଫେସର ଗିରିଜା ଶଙ୍କର ଶର୍ମା, ସଂଳାପ ଲେଖକ ରଜନୀ ରଞ୍ଜନ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ.କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେଇ ସାହିତ୍ୟ ବିନା ସମାଜର ବିକାଶ ଅସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ପତ୍ରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବିଶେଷ ସଂଖ୍ୟା ସହିତ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ସୈରିନ୍ଧ୍ରୀ ସାହୁଙ୍କ କବିତା ସଂକଳନ 'ଅନୁଚ୍ଚାରିତ' ଓ ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀଙ୍କ ଗଳ୍ପ ସଂକଳନ 'ଶେଷ ବସନ୍ତର ଅଶ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଫେସର ସଂଘମିତ୍ରା ମିଶ୍ର, ଦୟାନିଧି ଦାଶ, ବିଜୟ ଉପାଧ୍ୟାୟ, ଡ. ଅବନୀ ପ୍ରଧାନ, ଡ. ଶ୍ରୀଧର ସାମଲ, ଡ. ଶ୍ରୀହରି ପଣ୍ଡା, ଶରତ କୁମାର ଦାସ, ଶ୍ରୀନିବାସ ସେଠୀ, ବନମାଳୀ ସେନାପତି, ସୁବ୍ରତ କୁମାର କର, ସୁମନ୍ତ କୁମାର ସାହୁ, ସୁଧାଂଶୁ ଶେଖର ପୃଷ୍ଟି ଓ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଭରତ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।


ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଉତ୍କଳ ସମ୍ମିଳନୀ ସୋର ଶାଖାର ସାମ୍ବିଧାନିକ ସମ୍ମିଳନୀ

ସୋର,୨୫।୮(ଜନ୍ମେଜୟ ମିଶ୍ର)

ଉତ୍କଳ ସମ୍ମିଳନୀ ସୋର ଶାଖାର ସାଧାରଣ ପରିଷଦ ବୈଠକ ତଥା ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କାର୍ଯ୍ୟକାରୀ ସମ୍ପାଦକ ଶିକ୍ଷାବିତ କୃତିବାସ ବେଜ ଗତ ବୈଠକର ବିବରଣୀ ଉପସ୍ଥାପନା କରିଥିଲେ। ରାଜ୍ୟ କେନ୍ଦ୍ରୀୟ କମିଟିର ସଭାପତି ପ୍ରଫେସର ଡ.ଅଦ୍ୱୈତ୍ୟ କୁମାର ପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ବେଉରିଆ ଏବଂ ବାବୁଲାଲ ଦାସ ଯୋଗଦେଇ ୭ ଜଣିଆ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ବିଜୟ କୁମାର ଦାସ, ଉପ ସଭାପତି ମାୟାଧର ନାୟକ, ମିନତୀ କର, ସମ୍ପାଦକ କୃତିବାସ ବେଜ, ସଂଗଠନ ସମ୍ପାଦକ ଦାମୋଦର ଦାଶମହାପାତ୍ର, ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ଲେଙ୍କା, କୋଷାଧ୍ୟକ୍ଷ ଭାବେ ଗଙ୍ଗାଧର ପାଢ଼ୀଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟିକୁ ୧୫ ଜଣ ଏବଂ ପରିଷଦକୁ ୧୦ ଜଣଙ୍କ ନାମ ସୁପାରିଶ କରାଯାଇଛି। ଉଦ୍ଧବ ଚରଣ ବିଶ୍ୱାଳଙ୍କୁ କେନ୍ଦ୍ରୀୟ କମିଟି ସଦସ୍ୟ ଭାବେ ୩ ବର୍ଷ ପାଇଁ ମନୋନୀତ କରାଯାଇଛି। ପ୍ରାରମ୍ଭରେ ଦାମୋଦର ଦାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ।

## ଜଳେଶ୍ୱରରେ ଗଡ଼ିଲା କୌଶଳ ରଥ

ଜଳେଶ୍ୱର,୨୫।୮(ନବୀନ ସାହୁ/ ରବିନାରାୟଣ ପାତ୍ର)

ଛାତ୍ରୀଛାତ୍ରମାନଙ୍କୁ ନୂତନ ବୈଷୟିକ ଓ କୌଶଳ ଭିତ୍ତିକ ଶିକ୍ଷା ସମ୍ବନ୍ଧରେ ସଚେତନ କରାଯାଉଛି। ଏହି ଅବସରରେ ଜଳେଶ୍ୱର ବ୍ଲକ ଅଞ୍ଚଳ ପରିକ୍ରମା କରିଛି କୌଶଳ ରଥ। ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, କବାଟଘାଟି ସରକାରୀ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଖୁଆଡ଼ ଏବଂ ଗାନ୍ଧୀ ସେବା ଶ୍ରମ ଜଳେଶ୍ୱରରେ କୌଶଳ ବିକାଶ ରଥ ପହଞ୍ଚିଥିଲା। ଜିଲା ଦକ୍ଷତା ବିକାଶ ତଥା ନିୟୋଜନର ମୁଖ୍ୟ ଆଶିଷ କୁମାର ବାସନ୍ତିଆ, ଦକ୍ଷତା ବିକାଶ ଅଧିକାରୀ ରଶ୍ମୀ ରଞ୍ଜନ ମହାନ୍ତି, ଜିଲା ନିଯୁକ୍ତି ପଞ୍ଜୀକରଣ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଉଦୟ ହେମ୍ବ୍ରମ, କବାଟଘାଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ଦାସ ଉପସ୍ଥିତ ଥିଲେ।



ଜଳେଶ୍ୱରରେ କୌଶଳ ରଥକୁ ସ୍ୱାଗତ କରାଯାଉଛି।

# ସରୁନି ଘାଗରା ପୋଲ ନିର୍ମାଣ କାମ

ନୀଳଗିରି,୨୫।୮(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ପୂର୍ତ୍ତ ବିଭାଗ ପକ୍ଷରୁ ଶେରଗଡ଼,ନୀଳଗିରି ଓ ଝରଣାଘାଟିକୁ ସଂଯୋଗ କରୁଥିବା ୧୯ନଂ. ରାଜ୍ୟ ରାଜପଥର ସଜନାଗଡ଼ ନିକଟ ଘାଗରା ନାଳ ଉପରେ ନିର୍ମାଣାଧୀନ ପୋଲ କାମ ସରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ପାଇଁ ଟେଣ୍ଡର ପରେ ୨୦୧୯ରେ ଶିଳାନ୍ୟାସ କରାଯାଇଥିଲା। ଠିକାଦାର ମଧ୍ୟ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୧ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା। ପରେ ସରକାର ଆର୍ଥିକ ଅନୁଦାନ ବୃଦ୍ଧି କରିଥିଲେ। ୪ କୋଟି ୧୮ଲକ୍ଷ ଟଙ୍କାରେ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଚୁକ୍ତି ହୋଇଥିଲା। ଇତି ମଧ୍ୟରେ ଏହି ପୋଲ ନିର୍ମାଣ ଲାଗି ଶିଳାନ୍ୟାସକୁ ୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କାମ ଶେଷ ହୋଇପାରିନାହିଁ। ବାଲେଶ୍ୱର ଜିଲାରୁ ନୀଳଗିରି ଦେଇ ମୟୂରଭଞ୍ଜକୁ ସଂଯୋଗ କରିଥିବା ଏହି ରାସ୍ତାର ଘାଗରା ପୋଲ ହିଁ ଏକମାତ୍ର ସହାରା। ନୂତନ ଘାଗରା ପୋଲ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ନିକଟରେ ଥିବା ଜରାଜୀର୍ଣ୍ଣ ପୁରୁଣା ପୋଲ ଉପରେ ପ୍ରତିଦିନ ହଜାର ହଜାର ଯାନବାହାନ ସମେତ ଆମ୍ବୁଲାନ୍ସ, ପଥଚାରୀମାନେ ଯାତାୟାତ କରୁଛନ୍ତି। ପୁରୁଣା ପୋଲ ମଝିରେ ଗାତ ହେବା ସହ ବ୍ୟାରିକେଡ୍ ଖସିପଡ଼ିଲାଣି। କେତେବେଳେ ଯେ ଏକ ବଡ଼ ଧରଣର ଅଘଟଣ ପରିସ୍ଥିତି ସୃଷ୍ଟି ହେବ ତାହା କହିହେବ ନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କ ସହିତ ଆଲୋଚନା ହୋଇଛି, ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।


ନିର୍ମାଣାଧିନ ପୋଲ।

## ସଂକ୍ଷେପରେ

### ଲୁହାପଥର ବୋଝେଇ ଟ୍ରକ୍‌କୁ ଧକ୍କା ଦେଲା ବସ୍

ରାମଚନ୍ଦ୍ରପୁର,୨୫।୮(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ୨୦ ନଂ. ଜାତୀୟ ରାଜପଥ ଖଲଣା ପେଟ୍ରୋଲ ପମ୍ପ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ଲୁହାପଥର ବୋଝେଇ ଟ୍ରକକୁ ଏକ ବସ ଧକ୍କା ଦେଇଥିଲା। ଟ୍ରକ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୭୦ ବସ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଦାସ ନାମକ ଏକ ଘରୋଇ ବସ୍ (ନଂ. ଓଆର୍ ୧୧ ଏଚ ୧୮୬୧) ବନାରସରୁ ପୁରୀ ଯାଉଥିଲା। ରାତି ୧୧ଟା ସମୟରେ ଖଲଣା ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବା ପାଇଁ ଏକ ଟ୍ରକ୍‌କୁ ଓଭରଟେକ କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ତେବେ ଲୁହାପଥର ବୋଝେଇ ଟ୍ରକ୍(ନଂ.ଓଡି ୦୯ ଏଏ ୩୩୮୯) ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଟ୍ରକ୍ ଚାଳକ ଟ୍ରକ୍‌କୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିୟନ୍ତ୍ରଣ ହରାଇ ରାଜପଥ କଡ଼ରେ ଥିବା ଗାଡ଼ରେ ଭର୍ତ୍ତି କରିଦେଇଥିଲେ। ବସରେ ଥିବା ୭୦ ଟୁରିଷ୍ଟ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ଘଟଣା ସ୍ଥଳରେ ସଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ପହଞ୍ଚି ଯାତ୍ରୀଙ୍କୁ ପୁରୀ ଯିବା ପାଇଁ ବ୍ୟବସ୍ଥା କରାଇଥିଲେ। ଟ୍ରକ୍ ଓ ବସ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି, ୨ ଗିରଫ

ଯୋଡ଼ା,୨୫।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡାସ୍ଥିତ ସେଗ୍ରି ଗେଶନ ଟିସ୍କୋ କଲୋନୀର ଏକ କ୍ୱାର୍ଟର୍ସ ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି ହୋଇଛି। ଘଟଣାରେ ପୋଲିସ ୨ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତମାନେ ସ୍ଥାନୀୟ ନେପାଳୀ ହାଟିଂର ରୁପେଶ ନାଏକ ଓ ଯୋଡା ପାତ୍ର ବସ୍ତିର ବିକାଶ ପାତ୍ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସେଗ୍ରୀ ଗେଶନର କ୍ୱାର୍ଟର୍ସ ନଂ ୧୬ରେ ଟାଟା କମ୍ପାନୀ କର୍ମଚାରୀ ସତ୍ୟଜିତ ସୁବୁଦ୍ଧି ପରିବାର ସହ ରହୁଛନ୍ତି। ଅଗଷ୍ଟ ୨୨ ବିଳମ୍ବିତ ରାତିରେ ପରିବାର ସଦସ୍ୟ ଘରେ ନ ଥିବା ବେଳେ ଅଭିଯୁକ୍ତମାନେ କବାଟ ଭାଙ୍ଗି ସୁନା ଅଳଙ୍କାର ଚୋରି କରିଥିଲେ। ସୁନା ଅଳଙ୍କାର ମଧ୍ୟରେ ସୁନା ମୁଦି, ଚେନ୍, ରାଣୀହାର କାନଫୁଲ ରହିଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ କେବଳ ସୁନା ମୁଦି ଜବତ କରିଛି। ଯୋଡା ଥାନାରେ ଏକ ମାମଲା (ନଂ. ୨୪୦/୨୦୨୪) ରୁଜୁ ହୋଇଛି।

### ୩ ଘର ଭାଙ୍ଗିଲା ହାତୀ, କାନ୍ଥ ତଳେ ଚାପିହୋଇ ବୃଦ୍ଧ ଗୁରୁତର

ପାଟଣା,୨୫।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୧୭ ଟିକିଆ ବଣୁଆ ହାତୀପଲ ଶନିବାର ରାତିରେ ୩ ଘର ଭାଙ୍ଗିଛନ୍ତି। ଭଙ୍ଗା କାନ୍ଥ ତଳେ ଜଣେ ବୃଦ୍ଧ ଚାପି ହୋଇ ଗୁରୁତର ହୋଇଥିଲେ। ପ୍ରକାଶ ଯେ, ହାତୀପଲ ସାରାସ କୋଲା ପଞ୍ଚାୟତ ସରାସ କୋଲା ଗ୍ରାମ ବାଉଁଶ ଡିହାସାହିର ବିଲ ଭିତରେ ଥିବା ଏକ ପୋଖରୀ ହୁଡ଼ାରେ ଥିବା ଘରକୁ ଗୋଇଠା ଓ ଶୁଣ୍ଢ ମାରି ଭାଙ୍ଗି ଦେଇଥିଲେ। ଫଳରେ ଘର ଭିତରେ ମାଛ ଜଗିଥିବା ନିଶାକର ମହାନ୍ତ(୭୫)ଙ୍କ ଉପରେ କାନ୍ଥ ଚାପି ହୋଇଥିଲା। ଏଲିଫ୍ୟାଣ୍ଟ ଗ୍ରୁପର ଯୁବକମାନେ ନିଶାକରଙ୍କୁ କାନ୍ଥ ତଳୁ ଉଦ୍ଧାର କରିଥିଲେ। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିଭଳି ଉକ୍ତ ଗ୍ରାମର ରଘୁନାଥ ମହାରଣାଙ୍କ ଆଜ୍‌ବେଷ୍ଟସ ଘର ଓ ଗୁଲୁଦିପଶି ବୈତରଣୀ ରାଇସ୍ ମିଲ ନିକଟରେ କ୍ଷେତ୍ର ମୋହନ ନାଏକ ଥିବା ଏକ ଜଳଖିଆ ଦୋକାନ ଗୃହକୁ ହାତୀ ପଲ ଭାଙ୍ଗି ଦେଇଛନ୍ତି। ହାତୀପଲ ରବିବାର ସନ୍ଧ୍ୟାରେ ମଲ୍ଲିପଶି ବିଟ କାଶିଆ ଜଙ୍ଗଲରେ ଡେରା ପକାଇଛନ୍ତି।

### ସରସ୍ୱତୀ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ଯୋଡ଼ା,୨୫।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା କୁନ୍ଦୁରୁନାଲାଠାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରରେ ରବିବାର ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଅତିଥିଭାବେ ବିଦ୍ୟାମନ୍ଦିରର ପରିଚାଳନା ସଦସ୍ୟା ପୁଷ୍ପାଞ୍ଜଳି ପ୍ରଧାନ, ସଦସ୍ୟା ପଦ୍ମିନୀ ପାତ୍ର ଯୋଗଦେଇ ଶିଶୁ ଶିକ୍ଷାର ବିକାଶରେ ମାତୃମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ସଭାରେ ଅଧ୍ୟକ୍ଷତା କରିଥିଲେ। ଅଭିଭାବକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

# ଟ୍ରାଫିକ୍ ଜାମ୍‌ରେ ଫସିଲା ଆମ୍ବୁଲାନ୍ସ

**ଏସ୍‌ପିଙ୍କୁ ଭେଟିଲେ ସ୍ଥାନୀୟ ବାସିନ୍ଦା**

**କେନ୍ଦୁଝର ସହରରେ ଟ୍ରାଫିକ୍ ସମସ୍ୟା ଜଟିଳ**

କେନ୍ଦୁଝର,୨୫।୮(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ସହର ମାଇନିଂ ରୋଡ୍ ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ଟ୍ରାଫିକ୍ ଜାମରେ ଫସିଥିଲା। ସ୍ଥାନୀୟ ଲୋକ ରାସ୍ତାରୁ ଗାଡ଼ି ହଟାଇବା ପରେ ଆମ୍ବୁଲାନ୍ସ ଯିବା ସହ ଦୀର୍ଘ ସମୟ ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବେଆଇନ ଭାବେ ପାର୍କିଂ ବ୍ୟବସ୍ଥା ନ କରି ଦୋକାନ ଓ ଅଟାଳିକା ନିର୍ମାଣ ଯୋଗୁ କେନ୍ଦୁଝର ସହରରେ ସର୍ବଦା ଏଭଳି ସମସ୍ୟା ଉପୁଜୁଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଆମ୍ବୁଲାନ୍ସରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଜଣେ ଗୁରୁତର ରୋଗୀଙ୍କୁ ଆଣିବା ରାସ୍ତାରେ ମାଇନିଂ ରୋଡ୍ ରାସ୍ତା ଜାମରେ ଅଟକି ରହିଥିଲା। ରାସ୍ତାରେ ବିନା ପାର୍କିଂରେ ରାସ୍ତାକୁ ଲାଗି ବହୁ ସଂଖ୍ୟାରେ ବ୍ୟବସାୟିକ କୋଠା ଘର ନିର୍ମାଣ ହୋଇଛି। ଫଳରେ ଉକ୍ତ ଦୋକାନ ବଜାରକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ୨ ଚକିଆ, ୪ ଚକିଆ ଗାଡ଼ି ରଖୁଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇ ଦୈନନ୍ଦିନ ଯାତାୟାତରେ ସମସ୍ୟା ଦେଖାଦେଉଛି। ବିଶେଷ କରି ରାସ୍ତା ଦେଇ ଛାତ୍ରୀଛାତ୍ର, ପାଟଣା ଏବଂ ସାହାରପଡ଼ା ଡାକ୍ତରଖାନାରୁ ବହୁ ସଂଖ୍ୟାରେ ରୋଗୀ ଦୈନନ୍ଦିନ ଆମ୍ବୁଲାନ୍ସ ଏବଂ ଅନ୍ୟ ଛୋଟ ଗାଡ଼ିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ଏଥିସହ ଅଞ୍ଚଳଟି ଏକ ଆବାସିକ ଜୋନ୍ ହୋଇଥିବା ସତ୍ତ୍ୱେ ପୌରପାଳିକା ପକ୍ଷରୁ ବ୍ୟବସାୟିକ କୋଠା ଘରକୁ ଅନୁମତି ଦେଉଛନ୍ତି। ବରିଷ୍ଠ ନାଗରିକଙ୍କ ଅଭିଯୋଗ ପରେ ସରକାରୀ ଜମିରେ ଦୋକାନ, ଘର ଏବଂ ବିଲ୍ଡିଂ ପ୍ଲାନ ଉଲ୍ଲଂଘନ କରିଥିବା ଲୋକଙ୍କ ନାମରେ କେବଳ ନୋଟିସ୍ କରି ୧ବର୍ଷ ହେବ ପୌର ପ୍ରଶାସନ ଚୁପ୍ ବସିଛି। ଫଳରେ ଲାବଣ୍ୟଛକଠାରୁ ମାଇନିଂ ସ୍କୁଲ ପର୍ଯ୍ୟନ୍ତ ସବୁ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏ ନେଇ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଟ୍ରାଫିକ ସମସ୍ୟା ଜଟିଳ ହେବ ବୋଲି ମତପ୍ରକାଶ ପାଉଛି। ଏହାକୁ ନେଇ ସ୍ଥାନୀୟ ଲୋକେ ରବିବାର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକଲେ ହୋ ସମାଜ ନେତା

**ଆଦିବାସୀଙ୍କ ସମସ୍ୟା ସମ୍ପର୍କରେ ଅବଗତ କଲେ**




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହୋ ସମାଜ ନେତା ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦୁଝର,୨୫।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଆଦିବାସୀ ହୋ ସମାଜ ମହାସଭାର ଗୌରଚନ୍ଦ୍ର ମୁଣ୍ଡା ଏବଂ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ୍ ସଭାପତି ସୁରେଶ ମୁଣ୍ଡା ସାକ୍ଷାତ କରିଛନ୍ତି। ଏହି ଆଦିବାସୀ ସାମାଜିକକର୍ମୀ ଦ୍ୱୟ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାର ବିଶେଷ କରି ଖଣି ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଖଣି ଖନନରୁ ସରକାର ଅନେକ କୋଟି ଟଙ୍କା ରାଜସ୍ୱ ପାଉଥିବା ବେଳେ କମ୍ପାନୀ ଏବଂ ଏହା ସହିତ ଜଡ଼ିତ ଠିକାଦାରମାନେ ମାଲେମାଲ ହେଉଛନ୍ତି। ମାତ୍ର ଖଣି ଅଞ୍ଚଳର ଆଦିବାସୀମାନେ ନିଜର ପେଟପୋଟଣା ପାଇଁ କାମଧନ୍ଦା ଅଭାବରୁ ରାଜ୍ୟ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଯେପରି ଖଣି ଅଞ୍ଚଳରେ କୁଶଳୀ ଶ୍ରମିକ ଭାବରେ ସ୍ଥାନୀୟ ଯୁବତୀ, ଯୁବକମାନେ ନିଯୁକ୍ତି ପାଇ ପରିବେ ସେଥିପ୍ରତି ସରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ବ୍ୟତୀତ ସୁନ୍ଦରଗଡ଼ ଜିଲାର କୋଇଡ଼ା ବ୍ଲକ୍ ଅନ୍ତର୍ଗତ ତାଳସେଲ ଦ୍ୱାରା ପରିଚାଳିତ ଖଣିରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ ବୋଲି ଜଣାଥିଲେ। ଏହା ସହିତ ଚମ୍ପୁଆଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ସହଯୋଗ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ।

ବଡ଼ବିଲ,୨୫।୮(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ତିନିଦିନିଆ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରୁ ମୋଟ ୩୬ଟି ବିଦ୍ୟାଳୟର ମୋଟ ୨୩୨ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ମେଳାରେ ବିଜ୍ଞାନ ପ୍ରକଳ୍ପ, ପ୍ରୟୋଗ, ପତ୍ରବାଚନରେ ୧୧୫ ଓ ଗଣିତ ପ୍ରୟୋଗ, ପ୍ରକଳ୍ପ, ପତ୍ରବାଚନରେ ୧୦୩ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ୧୪ ପରିଚାଳକ ପ୍ରତିଯୋଗିତାଗୁଡ଼ିକର ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଚାରକ ଭାବରେ ଯୋଗଦାନ କରି ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାସ, କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନରଞ୍ଜନ ପାଢ଼ୀ, ସହ ବିଭାଗ ପ୍ରମୁଖ ଲମ୍ବୋଦର ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଜ୍ଞାନ ବିଚିତ୍ରା ନାମକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟା ନନ୍ଦିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ମାରଣାସ୍ତ୍ର ଜବତ, ୪ ଗିରଫ

**ଅପରାଧ ଯୋଜନା ପଣ୍ଡ**

ବଡବିଲ,୨୫।୮(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଅପରାଧ ଯୋଜନାକୁ ପୋଲିସ ପଣ୍ଡ କରିଛି। ଘଟଣାସ୍ଥଳରୁ ପୋଲିସ ୪ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବଡବିଲ ଆଜାଦବସ୍ତି ଅଞ୍ଚଳର ଏମ୍‌ଡି ସର୍ଫରାଜ, ବରକତ ନଗର ଅଞ୍ଚଳର ଏମ୍‌ଡି ତୌହିଦ, ଶମ୍ଭୁ ପାତ୍ର ଓରଫ କାଳା ଏବଂ କାଶିଆ ଅଞ୍ଚଳର ଦିନେଶ ମୁଣ୍ଡା। ସେମାନଙ୍କ ନିକଟରୁ ଖଣ୍ଡା, ଛୁରୀ ଆଦି ବିପୁଳ ମାରଣାସ୍ତ୍ର ଜବତ ହୋଇଛି।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ବଡ଼ବିଲ ପୋଲିସ ରାତି ପାଟ୍ରୋଲିଂ କରୁଥିବା ବେଳେ କାଶିଆସ୍ଥିତ ଏକ ନିଛାଟିଆ ପଡ଼ିଆରେ କେତେକ ଦୁର୍ବୃତ୍ତ ଏକାଠି ହୋଇଥିବା ଖବର ପାଇ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୪ ଜଣ ସନ୍ଦିଗ୍ଧଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା। ସେମାନଙ୍କ ନିକଟରୁ ଖଣ୍ଡା, ଛୁରି, ଷ୍ଟିଲ ପାଇପ, ଲୁହା ରଡ଼, ଲଙ୍କା ଗୁଣ୍ଡ ଇତ୍ୟାଦି ଜବତ କରିଥିଲା। ୪ ଦୁର୍ବୃତ୍ତ କୌଣସି ଅପରାଧ ନିମନ୍ତେ ଯୋଜନା କରୁଥିବାବେଳେ ପୋଲିସ ଚଢାଉ କରି ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଥିବା ପୋଲିସ କହିଛି। ରବିବାର ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ବଡବିଲ ଥାନାରେ ଏକ ମାମଲା( ନଂ. ୨୫୩/୨୦୨୪) ରୁଜୁ ହୋଇଛି।

### ଜାଲ୍ ଅନୁମତିପତ୍ରରେ ଗଛ କାଟି ନେଉଛନ୍ତି

**କାଠମାଫିଆଙ୍କ ପ୍ରାଦୁର୍ଭାବ**

କେନ୍ଦୁଝର,୨୫।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ରେଞ୍ଜରେ କାଠ ମାଫିଆଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ବନ ବିଭାଗର କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ଦୁର୍ବୃତ୍ତ ଜଙ୍ଗଲରେ ମେସିନ ଲଗାଇ ଅନେକ ଶହ ଗଛ କାଟି ନେଉଛନ୍ତି। ଏପରିକି ସ୍ଥାନୀୟ ଲୋକେ ବିରୋଧ କଲେ ଜାଲ ଅନୁମତି ପତ୍ର ଦେଖାଇ ଖସିଯାଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, କେନ୍ଦୁଝର ମୁଖ୍ୟାଳୟଠାରୁ ମାତ୍ର ୭ କି.ମି ଦୂର ନେଲୁଙ୍ଗ ଗ୍ରାମ୍ୟ ଜଙ୍ଗଲରେ କେତେକ କାଠ ମାଫିଆ କଟର ମେସିନ ସହାୟତାରେ ଗଛ କାଟିବା ବେଳେ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ମାତ୍ର ସେମାନେ ତାଙ୍କ ନିକଟରେ ବନ ବିଭାଗର ଅନୁମତି ଥିବା କହିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବାରୁ କାଠ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ବେଲଦା ବିଟ୍ ଦାୟିତ୍ୱରେ ଥିବା ବନରକ୍ଷୀ ସରୋଜ କୁମାର ପାତ୍ର ଘଟଣାସ୍ଥଳରୁ ଗୋଟିଏ କଟର ମେସିନ ଏବଂ ବହୁ ପରିମାଣର କଟାଯାଇଥିବା କାଠ ଗଣ୍ଡି ଜବତ କରିଥିଲେ। ଗତ କିଛି ଦିନ ହେବ ଉକ୍ତ ଅଞ୍ଚଳରେ କାଠ ମାଫିଆ ସକ୍ରୀୟ ଅଛନ୍ତି। ନେଲୁଙ୍ଗ ଗ୍ରାମ୍ୟ ଜଙ୍ଗଲ ନିକଟରେ ମଇଦାନକେଲ ସଂରକ୍ଷିତ ଜଙ୍ଗଲ ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ରହିଛି। ବନ ବିଭାଗର ଅବହେଳାରୁ ଜଙ୍ଗଲ କ୍ଷୟ ହେବା ସହ ବନ୍ୟପ୍ରାଣୀ ସଙ୍କଟରେ ରହିଛନ୍ତି। ଅନ୍ୟପକ୍ଷେ କେନ୍ଦୁଝର ସଦର ରେଞ୍ଜ ଟାଉନ ବିଟ୍‌ର ବନରକ୍ଷୀ ସରୋଜ ପାତ୍ର ଅତିରିକ୍ତ ଭାବେ ବେଲଦା ବିଟ୍, ମଇଦାନକେଲ ବିଟ୍ ଏବଂ ପଦ୍ମପୁର ମେଗା ନର୍ସରୀ ଦାୟିତ୍ୱରେ ରହିଛନ୍ତି। କାର୍ଯ୍ୟାଭାର ଯୋଗୁ ବନୀକରଣ ଏବଂ ଜଙ୍ଗଲ ସୁରକ୍ଷା ଠିକ୍ ଭାବରେ ହୋଇପାରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି।

# ଏଏପିର ଲୋକ ସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କେନ୍ଦୁଝର,୨୫।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆମ ଆଦମୀ ପାର୍ଟି(ଏଏପି)ର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ସହିଦ୍ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଲୋକସଭା ସଂଯୋଜକ ଭବାନୀ ଶଙ୍କର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀର ସମସ୍ତ ୭ ବିଧାନସଭାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ କିପରି ସଂଗଠନକୁ ମଜବୁତ୍ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତି ନିର୍ବାଚନ ମଣ୍ଡଳୀକୁ ଜୋନ୍‌ରେ ବିଭକ୍ତ କରି ଜୋନ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ନିଯୁକ୍ତି ନିମନ୍ତେ ବିଧାନସଭା ସଭାପତିଙ୍କୁ କୁହାଯାଇଥିଲା। ମୁଖ୍ୟ ଅତିଥି କର୍ମୀମାନଙ୍କୁ ସାହାସର ସହିତ ସଚ୍ଚୋଟ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟାକୁ ନେଇ ଆଗାମୀ ଦିନରେ ଆମ ଆଦମୀ ପାର୍ଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ମେଘନାଥ ମାଝୀ କହିଥିଲେ। କେନ୍ଦୁଝର ପୌରପରିଷଦରେ ଡ୍ରେନ୍, ପାଣି, ବିଜୁଳି ଆଦି ବହୁ ସମସ୍ୟା ରହିଛି। ଗତ ପୌର ପରିଷଦ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ଏଯାଏ ପାଳନ କରାଯାଇନାହିଁ। ଡବଲ ଇଞ୍ଜିନ ହେବା ପରେ ମଧ୍ୟ ହୋଲ୍ଡିଂ ଟାକ୍ସ କମାଯାଇନାହିଁ। ତେଣୁ ଆଗାମୀ ଦିନରେ ଏହି ସମସ୍ତ ସମସ୍ୟାକୁ ନେଇ ପୌରାଧ୍ୟକ୍ଷାଙ୍କୁ ଦାବିପତ୍ର ଦେବାର ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ସଦର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତ, ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସଭାପତି ମନୋରଞ୍ଜନ ପଲେଇ, ଘସିପୁରା ନିର୍ବାଚନ ମଣ୍ଡଳୀ ସଭାପତି ସୁଶାନ୍ତ ନାଏକ, ଅଭିମନ୍ୟୁ ମହାନ୍ତ, ଶୁଭଙ୍କର ମହାନ୍ତି, ପ୍ରହ୍ଲାଦ ମହାକୁଡ଼, ପ୍ରୀତିଶ, ମାନସ ମାଝୀ, ସତ୍ୟ ନାଏକ, ଗଣେଶ୍ୱର ପାତ୍ର, ଲକ୍ଷ୍ମଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ମହୁଲି ମଦ ଜବତ, ୨ ଗିରଫ

ପାଟଣା,୨୫।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ବିଭିନ୍ନ ସ୍ଥାନରେ ରବିବାର ଚଢ଼ାଉ ହୋଇଛି। ଚୋରା ମଦ ଚାଲାଣ ବେଳେ ପାଟଣା ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୁଳି ନିକଟରୁ ଏକ ବାଇକକୁ ଜବତ କରିଛି। ବାଇକରୁ ୧୭୦ ଲିଟର ମହୁଲି ମଦ ଜବତ କରି ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ୨ ବ୍ୟବସାୟୀ ହେଉଛନ୍ତି ସଦର ଥାନା ଟିକରପଡ଼ା ଗ୍ରାମର ଗଙ୍ଗାରାମ ମାଝୀ ଏବଂ ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମର ରାଜକିଶୋର ମାଝୀ ବୋଲି ଜିଲା ମୋବାଇଲ ସ୍କ୍ୱାର୍ଡର ନିରୀକ୍ଷକ ଚନ୍ଦନ ମଣ୍ଡଳ ସୂଚନା ଦେଇଛନ୍ତି। ସେହିପରି ତୁରୁମୁଙ୍ଗା ପୋଲିସ ପକ୍ଷରୁ ହିରାପଶି ଗ୍ରାମରେ ଥିବା ବେଆଇନ ଦେଶୀ ମଦ ଭାଟିରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର ମହୁଲି ମଦ ଜବତ କରିବା ସହ ମହୁଲ ପୋଚ ନଷ୍ଟ କାରାଯାଇଛି। ଏଥି ସହ ମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ଭାଙ୍ଗି ନଷ୍ଟ କରାଯାଇଛି। ଭାଟିରୁ ୫୦ ଲିଟର ମହୁଲି ମଦ ଓ ୧୨ଶହ କିଗ୍ରା ପୋଚକୁ ଜବତ କରି ପୋଲିସ ନଷ୍ଟ କରିଛି। ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିବା ବେଳେ ବାରିଆ ଥାନା ଅଧିକାରୀ ହେମନ୍ତ ମାଝୀଙ୍କ ସହ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଭାବରେ ସାହାରପଡ଼ା ତହସିଲଦାର ପରମାନ୍ଦ ଖଣ୍ଡେଇ ଉପସ୍ଥିତ ଥିଲେ।

### ଅଟୋଚାଳକଙ୍କୁ ଛୁରାମାଡ଼

ରାମଚନ୍ଦ୍ରପୁର,୨୫।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମରେ ଗାଡ଼ି ସାଇଟ୍ ମରାକୁ କେନ୍ଦ୍ରକରି ଅଟୋ ଚାଳକଙ୍କୁ ଛୁରାମାଡ଼ ହୋଇଛି। ଟୋଲଙ୍କପଡ଼ା ଗ୍ରାମର ଅଟୋ ଚାଳକ ଆଲୋକ ସାହୁଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆଲୋକ ବେଲବାହାଳିରୁ ଗୋଖାଦ୍ୟ ଧରି ଅଟୋରେ ଫେରୁଥିଲେ। ଅନାଦି ଜେନା ନାମକ ଯୁବକଙ୍କ ସହ ରାସ୍ତା ମଝିରେ ଗାଡ଼ି ସାଇଟ ମରାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅନାଦି ଏକ ଧାରୁଆ ଛୁରିରେ ଆଲୋକଙ୍କୁ ଆକ୍ରମଣ କରିଥିଲେ। ସେ ଗୁରତର ହୋଇଥିବା



ଗୁରୁତର ଅଟୋ ଚାଳକ।

ବେଳେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାଯାଇଛି। ଅଭିଯୋଗ ଆଧାରରେ ଘସିପୁରା ପୋଲିସ ଏକ ମାମଲା(ନଂ.୩୩୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ମହୁଲି ମଦ, ହାଣ୍ଡିଆ ନଷ୍ଟକଲା ପୋଲିସ

ଢେଙ୍କିକୋଟ,୨୫।୮ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ ଛୋଟରାୟପୁର ଗ୍ରାମରେ ଘଟଗାଁ ପୋଲିସ ଚଢ଼ାଉ କରି ମହୁଲି ମଦ ଓ ହାଣ୍ଡିଆ ନଷ୍ଟ କରିଛି। ୨୦୦ ଶହରୁ ଊର୍ଦ୍ଧ୍ୱ ହାଣ୍ଡିଆ ହାଣ୍ଡି ମାଟିରେ ଢାଳି ନଷ୍ଟ କରିଛନ୍ତି ଏବଂ ମଦ ରନ୍ଧା ସରଞ୍ଜାମକୁ ଭାଙ୍ଗି ନଷ୍ଟ କରାଯାଇଛି। ଚଢ଼ାଉରେ ଘଟଗାଁ ପୋଲିସ ସର୍କଲ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା, ଏଏସଆଇ ସୁରଥ ଦେହୁରୀ, ବରିଷ୍ଠ କନଷ୍ଟେବଳ କପିଳ ରାଉତ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ।

# ରାସ୍ତା ପାର୍ଶ୍ୱ ସଫାକଲେ ସାମାଜିକ କର୍ମୀ

ରାମଚନ୍ଦ୍ରପୁର,୨୫।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଜଳସୁଆଁ ପଞ୍ଚାୟତ ଅନ୍ତର୍ଗତ ନୟାଗଡ଼ ଆର୍‌ଡି ରାସ୍ତାର ଉଭୟ ପାର୍ଶ୍ୱରୁ ଅନାବନା ଗଛ ଲତା ଯୋଗୁ ଅଞ୍ଚଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଲକ୍ଷ୍ୟ କରି ଅଞ୍ଚଳର ସାମାଜିକ କର୍ମୀମାନେ ଶ୍ରମଦାନ କରି ରାସ୍ତା ପର୍ଶ୍ୱରୁ ଗଛଲତାକୁ ସଫା କରିଛନ୍ତି। ଜଳସୁଆଁଠାରୁ ପ୍ରାୟ ୩ କିଲୋମିଟର ବ୍ୟବଧାନ ଭିତରେ ଥିବା ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଅନାବନା ଗଛ ଯୋଗୁ ରାସ୍ତା ସଙ୍କୁଚିତ ହୋଇଯାଇଥିଲା। ଫଳରେ ରାସ୍ତାରେ ପରସ୍ପରକୁ ବିପରୀତ ଦିଗରୁ ଆସୁଥିବା ଦୁଇ ଚକିଆ ବାଇକ ଅତିକ୍ରମ କରିବା କଷ୍ଟକର ହୋଇପଡ଼ିଥିଲା। ଗଛଲତା ରାସ୍ତାକୁ ମାଡି ଆସି କ୍ରମଶଃ ଶଙ୍କୁଚିତ କରିଥିବାରୁ ବିଭିନ୍ନ ସ୍ଥାନରେ ଥିବା ବାଙ୍କ ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟୁଥିଲା।



ତେବେ ସମସ୍ୟା ନେଇ ଧରିତ୍ରୀରେ ଗତ ଜୁଲାଇ ୩୦ ରେ ପ୍ରକାଶ ପାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶନିବାର ସାମାଜିକ କର୍ମୀ ବାବୁଲ ନାଏକ, ଈଶ୍ୱର ଚନ୍ଦ୍ର ରାଉତ, ମୋହନ ରାଉତ, ଜଳସୁଆଁ ପଞ୍ଚାୟତର ନାଏବ ସରପଞ୍ଚ ଶରତ ରାଉତ, ବନମାଳୀ ନାଏକ, ତପନ ରାଉତ, ପ୍ରଶାନ୍ତ ଖଟୁଆ, ଲିପୁନ ବିଶାଳ, ହେମନ୍ତ ବିଶ୍ୱାଳ, ଭରତ ରାଉତ, ବାବୁନା ଖଟୁଆ, ଅଜୟ ଦେହୁରୀ ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱର ଗଛଲତାକୁ କାଟି ସଫା କରିଛନ୍ତି।

## ସଂକ୍ଷେପରେ

### ୬୭୫ ଏସ୍‌ଏଚ୍‌ଜି ମହିଳାଙ୍କୁ ଲକ୍ଷପତି ଦିଦି ପ୍ରଶଂସାପତ୍ର



ବନ୍ତ,୨୫।୮ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ୬୭୫ଜଣ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାଙ୍କୁ ଲକ୍ଷପତି ଦିଦି ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ରବିବାର ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବନ୍ତ ବ୍ଲକ ମିଶନଶକ୍ତି ଗୃହରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ପ୍ରକଳ୍ପ ପରିଚାଳକ ଦୁର୍ଗା ପ୍ରସାଦ ଦାଶଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ଏସ୍‌ଡିସି ସ୍ମିତା ପାଣିଗ୍ରାହୀ, ବିଏଲ୍‌ସି ସଞ୍ଜୁଲତା ନାୟକ ଯୋଗଦେଇ କହିଥିଲେ, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସରକାର ମିଶନ ଶକ୍ତି ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛନ୍ତି। ଏହି ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ବ୍ଲକରେ ୬୭୫ଜଣ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଆଗକୁ କିପରି ଅଧିକ ଲକ୍ଷପତି ଦିଦି ହୋଇପାରିବେ ସେନେଇ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବ୍ଲକର ୬୭୫ଜଣ ଲକ୍ଷପତି ଦିଦିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବ୍ଲକର ୧୨୪ ସ୍ୱୟଂସହାୟକ ଗୋଷ୍ଠୀକୁ ୭ କୋଟି ୯୮ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

### ବାସୁଦେବପୁରରେ ୧୦୫୦ ଲକ୍ଷପତି ଦିଦି

ବାସୁଦେବପୁର,୨୫।୮ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ୍ କନ୍‌ଫରେନ୍ସ ହଲ୍ ପରିସରରେ ରବିବାର ପୂର୍ବାହ୍ନରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଚିହ୍ନଟ ହୋଇଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକରେ ମୋଟ ୧୦୫୦ଜଣ ଲକ୍ଷପତି ଦିଦିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୫୦ଜଣଙ୍କୁ ରବିବାର ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ମହିଳାମାନେ ସ୍ୱାବଲମ୍ବୀ, ଆର୍ଥିକ ସ୍ୱଚ୍ଛଳ ହୋଇପାରିଲେ ଦେଶ ଓ ରାଜ୍ୟର ବିକାଶ ଅଗ୍ରଗାମୀ ହେବ ବୋଲି ବିଧାୟକ କହିଥିଲେ। ଓଡ଼ିଶା ଜୀବିକା ମିଶନର ବିପିଏମ୍ ବୀଣାପାଣି ପଣ୍ଡା ସଭାପତିତ୍ୱ କରିଥିଲେ। ବ୍ଲକ ଲେଭଲ ଫେଡେରେଶନ ସଭାପତି ମମତା ସାହୁ, ବ୍ଲକ ପକ୍ଷରୁ ଅମିୟ ପାଣିଗ୍ରାହୀ(ଶିକ୍ଷକ)ଙ୍କ ସହ ଓଡ଼ିଶା ଜୀବିକା ମିଶନର କର୍ମଚାରୀ ଉପସ୍ଥିତ ଥିଲେ। ଯେଉଁ ମହିଳାମାନଙ୍କର ବାର୍ଷିକ ଆୟ ୧ ଲକ୍ଷରୁ ଊର୍ଦ୍ଧ୍ୱ, ସେମାନଙ୍କୁ ଓଏଲ୍‌ଏମ୍ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ଅନ୍ୟ ଲକ୍ଷପତି ଦିଦିମାନଙ୍କୁ ଜିପିଏଲ୍‌ଏଫ୍‌ରେ ପ୍ରମାଣପତ୍ର ପ୍ରଦାନ କରାଯିବ।

### ଚାନ୍ଦବାଲିରେ ୮୦ ସମ୍ମାନିତ

ଚାନ୍ଦବାଲି,୨୫।୮ (ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କନ୍‌ଫରେନ୍ସ ହଲ୍ ପରିସରରେ ୮୦ଜଣ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଛି। ବିପିଏମ୍ ଷ୍ଟାଲିନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଅସିତ କୁମାର ମହାନ୍ତି, ଭାଜପା ଜିଲା ସମ୍ପାଦକ କମଳାକାନ୍ତ ସୂତାର, ଅଧ୍ୟକ୍ଷା ମିନତି ସୂତାର, ମିଶନ ଶକ୍ତି ସଭାପତି ମାନସୀ ପାଢ଼ୀ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲକ୍ଷପତି ଦିଦିମାନଙ୍କ ପାଇଁ ବିଭିନ୍ନ ଯୋଜନା ଉପରେ ପ୍ରକାଶ କରିଥିଲେ।

# ୧୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ଲଟ୍‌ରେ ହେବ ସର୍ବେକ୍ଷଣ

## ଜିଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ଶୁଭାରମ୍ଭ କର୍ମଶାଳା

ଭଦ୍ରକ, ୨୫।୮ (ସନାତନ ରାଉତ)



କର୍ମଶାଳାରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ କୁମାର ଦାସଙ୍କ ସହ ଅଧିକାରୀମାନେ।

ଭଦ୍ରକ ଜିଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କର୍ମଶାଳା ରବିବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାକୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସି ଜରିଆରେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନା, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ କୃଷି ଅଧିକାରୀ ଗଣେଶ୍ୱର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସର୍ବେକ୍ଷଣକାରୀମାନଙ୍କ ଦ୍ୱାରା ମୋବାଇଲ ଆପ୍ ଜରିଆରେ ଫସଲର କ୍ଷେତ୍ରସ୍ତରୀୟ ପ୍ରକୃତ ଓ ଠିକ୍ ତଥ୍ୟ ସଂଗ୍ରହ କରାଯିବା ନେଇ ଆଲୋଚନା, କାର୍ଯ୍ୟାନ୍ୱୟନ ପ୍ରଣାଳୀ, ସଠିକ୍ ଉପଯୋଗ ପାଇଁ କୃଷକ, ସର୍ବେକ୍ଷଣକାରୀ, ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱ, ସହଯୋଗ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଗତବର୍ଷ ପରୀକ୍ଷାମୂଳକ ଭାବେ ରାଜ୍ୟର ୪ ଜିଲା ନୟାଗଡ଼, ଭଦ୍ରକ, ଦେବଗଡ଼ ଓ ନୂଆପଡ଼ାରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଥିଲା। ଏହି ଯୋଜନାର କାର୍ଯ୍ୟକାରିତାରେ ଭଦ୍ରକ ଜିଲା ପ୍ରଥମ ହୋଇଥିଲା। ଚଳିତବର୍ଷ ମଧ୍ୟ ପ୍ରଥମ ସ୍ଥାନ ବଜାୟ ରଖିବାକୁ ସର୍ବେକ୍ଷଣକାରୀମାନଙ୍କୁ ଆହ୍ୱାନ ଦିଆଯାଇଛି।

ଚଳିତମାସ ୧୬ ତାରିଖରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହି ସର୍ବେକ୍ଷଣ କାର୍ଯ୍ୟ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। କିନ୍ତୁ ଭଦ୍ରକ ଜିଲାରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିବାରୁ ରବିବାର ଏହାର ଶୁଭାରମ୍ଭ କରାଯାଇଥିବା ବେଳେ ୨୮ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସର୍ବେକ୍ଷଣ କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲାରେ ମୋଟ ୧୩,୨୬,୨୭୭ କୃଷିଭିତ୍ତିକ ଓ ଅଣକୃଷିଭିତ୍ତିକ ପ୍ଲଟ୍‌ରେ ସର୍ବେକ୍ଷଣ କରାଯିବ। ଏଥିପାଇଁ ଅଦ୍ୟାବଧି ୯୦୬ଜଣ ସର୍ବେକ୍ଷଣକାରୀଙ୍କୁ ୱେବ୍ ପୋର୍ଟାଲରେ ପଞ୍ଜୀକୃତ କରାଯାଇଛି। ଏହି ସର୍ବେକ୍ଷଣ ତଥ୍ୟ ଆଧାରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ ପରିସଂଖ୍ୟାନ, ବ୍ୟାଙ୍କ, ବୀମା କମ୍ପାନୀ ଆଦି ବିଭାଗ ଦ୍ୱାରା ବ୍ୟବହୃତ ହୋଇପାରିବ। ଏହି ସର୍ବେକ୍ଷଣ ଚାଷୀମାନଙ୍କ ହିତରେ ଥିବାରୁ ଠିକ୍ ତଥ୍ୟ ଦେଇ ଏଥିରେ ସହଯୋଗ କରିବାକୁ ଅତିଥିମାନେ ଅନୁରୋଧ କରିଥିଲେ।

# ସିମ୍‌କାର୍ଡ ତଦନ୍ତ ବେଳେ ସାମ୍ନାକୁ ଆସିଲା ଠକେଇ

## ଜେଲ୍ ଗଲେ ଯୁବକ

ଭଦ୍ରକ,୨୫।୮ (ସନାତନ ରାଉତ)

ଭଦ୍ରକ ଟାଉନ ଥାନା ଅଧୀନ ଆଚାର୍ଯ୍ୟନଗରସ୍ଥିତ ଏକ ଭଡ଼ାଘରୁ ସିମ୍‌କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଓ ମୋବାଇଲ ଜବତ ଘଟଣାର ତଦନ୍ତ ବେଳେ ଠକେଇ ଘଟଣା ସାମ୍ନାକୁ ଆସିଛି। ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟୀ ଲୋକଙ୍କୁ ଠକି ଅର୍ଥ ହଡ଼ପ ମାମଲାରେ ବନ୍ତ ଥାନା ଅଧୀନ ଗୋହିରାପଦୀ ଗ୍ରାମର ଦୟାନିଧି ପାତ୍ର ନାମକ ଯୁବକଙ୍କୁ ଶନିବାର ରାତିରେ ଗିରଫ କରାଯାଇଛି। ରବିବାର କୋର୍ଟଚାଲାଣ ପରେ ତାଙ୍କୁ ଭଦ୍ରକ ଜେଲକୁ ପଠାଇ ଦିଆଯାଇଥିବା ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଏନେଇ ଥାନାରେ ଠକେଇ ମାମଲା (ନଂ.୪୮୯/୨୪) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ସାଇବର ଅପରାଧ ସନ୍ଦେହରେ ଭଦ୍ରକ ଟାଉନ ପୋଲିସ ଗତ ବୁଧବାର ଆଚାର୍ଯ୍ୟନଗରସ୍ଥିତ ଏକ ଭଡ଼ାଘରେ ଚଢ଼ାଉ କରିଥିଲା। ଉକ୍ତ ଘରୁ ବହୁ ସିମ୍‌କାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ଚେକ୍‌ବୁକ୍, ଷ୍ଟାମ୍ପ, ଏଟିଏମ୍ କାର୍ଡ, ବିଭିନ୍ନ ଗାଡ଼ି ନମ୍ବରପ୍ଲେଟ୍ ଓ ମୋବାଇଲ ଫୋନ୍ ପୋଲିସ ଜବତ କରିବା ସହ ୨ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିଲା। ଅଟକ ଥିବା ୨ ଛାତ୍ରଙ୍କର କୌଣସି ସମ୍ପୃକ୍ତି ନ ଥିବା ଜାଣିବା ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା। ଉକ୍ତ ଘରେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କେତେଜଣ ଛାତ୍ର ଓ ଯୁବକ ଭଡ଼ାରେ ରହୁଥିଲେ। କିଛି ସନ୍ଦେହଜନକ କାର୍ଯ୍ୟ ଚାଲୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଭଡ଼ାଘରେ ରହୁଥିବା ଅନ୍ୟମାନଙ୍କୁ ନୋଟିସ୍ ଦିଆଯାଇଥିବା ବେଳେ ଏହି ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଥିବା ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କହିଛନ୍ତି।

# ମୌଳିକ ସୁବିଧା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର


ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାସୁଦେବପୁର,୨୫।୮ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ମୌଳିକ ସୁବିଧା ପାଇଁ ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ ରବିବାର ଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନମଣ୍ଡଳୀ ଅଧୀନ ବାସୁଦେବପୁର ଓ ତିହିଡ଼ି ବ୍ଲକ୍ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ବାସୁଦେବପୁରରେ ୨ୟ ଷ୍ଟେଟବ୍ୟାଙ୍କ ଶାଖା ପ୍ରତିଷ୍ଠା ସମେତ ବ୍ଲକର ଶାଶୁଭୁଆଁଶୁଣୀ, ଆନ୍ଦୋଳା, ନୂଆଗାଁ, ଗୋବିନ୍ଦପୁର, ଗୋପବନ୍ଧୁନଗର ଆଦି ପଞ୍ଚାୟତରେ ନୂତନ ପୋଷ୍ଟ ଅଫିସ ଖୋଲାଯିବାକୁ ସେ ଦାବି ଜଣାଇଛନ୍ତି। ଏସବୁ ଦାବି ପୂରଣ ଦିଗରେ ସେ ଧ୍ୟାନ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଉଦୟ କହିଛନ୍ତି।

# ରାଜ୍ୟସ୍ତରୀୟ ସାଇକେଲ ଚାଳନାରେ ସତ୍ୟଜିତ୍ ପ୍ରଥମ

ଭଣ୍ଡାରିପୋଖରୀ,୨୫।୮ (ରାଜେନ୍ଦ୍ର ଶତପଥୀ)



ବାରିକପୁର ହାଇସ୍କୁଲର ଛାତ୍ର ସତ୍ୟଜିତ୍ ଗୋଚ୍ଛାୟତଙ୍କୁ ବାଲେଶ୍ୱରରେ ପୁରସ୍କୃତ କରାଯାଉଛି।

ଭଦ୍ରକ ଜିଲା ବାରିକପୁର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ସତ୍ୟଜିତ୍ ଗୋଚ୍ଛାୟତ ବାଲେଶ୍ୱର ମାରୱାରୀ ଯୁବମଞ୍ଚ ଦ୍ୱାରା ଆୟୋଜିତ 'ସାଇକ୍ଲୋଥନ' ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ରବିବାର ବାଲେଶ୍ୱର ମିଶନସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁବ ମଞ୍ଚ ସଭାପତି ଅଙ୍କିତ ଖଣ୍ଡେଲୱାଲ, ସମ୍ପାଦକ ଶୁଭମ ପୋଦ୍ଦାର, ଆବାହକ ନିଖିଳ ଖଣ୍ଡେଲୱାଲ, ରୋହିତ ଅଗ୍ରୱାଲଙ୍କ ଉପସ୍ଥିତିରେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଓ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ ଅତିଥି ଭାବେ ଯୋଗଦେଇ ସତ୍ୟଜିତ୍‌ଙ୍କ ସମେତ କୃତୀ ପ୍ରତିଯୋଗୀଙ୍କୁ ସିଲ୍ଡ, ଟ୍ରଫି, ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

ପ୍ରକାଶଥାଉ କି, ସତ୍ୟଜିତ୍ ୨୦୨୩ ଅଗଷ୍ଟରେ ବାଲେଶ୍ୱରରେ ପ୍ରଥମ ହୋଇଥିବା ବେଳେ ଭଦ୍ରକ ଜିଲାସ୍ତରୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଜିଲା ପାଇଁ ଗୌରବ ଆଣିଥିଲେ। ସେ ସାଇକେଲ ଚାଳନା ଚାମ୍ପିୟନଶିପ୍ ପଦକ ହାସଲ କରି ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ କ୍ରୀଡ଼ା ହଷ୍ଟେଲରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ସାଇକେଲ ଚାଳନା ପ୍ରତିଯୋଗିତା ପାଇଁ ତାଲିମ ନେଉଛନ୍ତି। ୨୦୨୩ ଜାନୁଆରୀ ୫ରେ ମୁମ୍ବାଇଠାରେ ଅନୁଷ୍ଠିତ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ୧୫ତମ ସ୍ଥାନ ହାସଲ କରିଥିଲେ। ୨୦୨୨ ନଭେମ୍ବରରେ ଚରମ୍ପାଠାରେ ଅନୁଷ୍ଠିତ ୩୯ତମ ରାଜ୍ୟ ସାଇକେଲ ଚାଳନା ପ୍ରତିଯୋଗିତାରେ ସର୍ବକନିଷ୍ଠ ବର୍ଗରେ ଚାମ୍ପିୟନ ହେବା ସହ ଜାତୀୟ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସାଇକେଲ ଚାଳନା ପ୍ରତି ସତ୍ୟଜିତଙ୍କ ରୁଚି ଓ ଅଭ୍ୟାସ ତାଙ୍କୁ ଜାତୀୟସ୍ତରକୁ ନେଇପାରିଛି ବୋଲି ତାଙ୍କ ବାପା ସୁବାସ ଗୋଚ୍ଛାୟତ କହିଛନ୍ତି।

# ଜଣେ ଗିରଫ, ୧ ଲକ୍ଷ ଟଙ୍କା ଜବତ

## ଘରୁ ଟଙ୍କା, ଅଳଙ୍କାର ଚୋରି ଘଟଣା

ବାସୁଦେବପୁର,୨୫।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତ ଅଲବଗା ଗ୍ରାମର ସିକନ୍ଦର ସାହାଜୀଙ୍କ ଘରୁ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଶନିବାର ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଅଲବଗା ଗ୍ରାମର ଓସମାନ ସାହାଜୀ(୪୨)। ତାଙ୍କଠାରୁ ୧ ଲକ୍ଷ ଟଙ୍କା ଜବତ କରାଯାଇଥିବା ରବିବାର ଅପରାହ୍ନରେ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୭ରେ ଅଲବଗା ଗ୍ରାମର ସିକନ୍ଦରଙ୍କ ଘରୁ ଚୋରି ହୋଇଥିଲା। ଚୋରମାନେ ତାଙ୍କ ଘରୁ ୩.୫ ଲକ୍ଷ ଟଙ୍କା ସହ ୨ ସୁନାମୁଦି, ମୋବାଇଲ, ୪ଟି ରୁପା କଏନ୍ ଚୋରି କରି ନେଇଥିବା ସିକନ୍ଦର ବାସୁଦେବପୁର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ଥାନାରେ ମାମଲା (ନଂ. ୫୨୮/୨୪) ରୁଜୁ ହୋଇଥିଲା। ଏହି ଘଟଣାର ତଦନ୍ତଭାର ଏଏସ୍‌ଆଇ ଭାଗ୍ୟଜିତ୍ ନାୟକ ନେଇଥିବା ବେଳେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତାଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଓସମାନଙ୍କୁ ଗିରଫ ସହ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଚୋରିରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କହିଛନ୍ତି। ତଦନ୍ତ ଚାଲିଥିବା ବେଳେ ଘଟଣା ଦିନ ସିକନ୍ଦରଙ୍କ ଘରୁ ୩.୫ ଲକ୍ଷ ଟଙ୍କା ନୁହେଁ ବରଂ ୨ ଲକ୍ଷ ଟଙ୍କା, ୨ଟି ସୁନାମୁଦି ଓ ୪ଟି ରୁପା କଏନ୍ ଚୋରି ହୋଇଥିବା ଖବରଦାତା ସମ୍ମିଳନୀରେ ଆଇଆଇସି ନାୟକ କହିଥିଲେ।

# ଅଧିକ ସଦସ୍ୟ ସାମିଲ ଉପରେ ଗୁରୁତ୍ୱ

## ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ଧାମନଗର,୨୫।୮ (ସନ୍ତୋଷ କୁମାର ମହାପାତ୍ର)


କର୍ମଶାଳାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଭାଜପା ପକ୍ଷରୁ ଧାମନଗର ନିର୍ବାଚନମଣ୍ଡଳୀ ସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ରବିବାର ସନ୍ଧ୍ୟାରେ ଆନନ୍ଦବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାକୁ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଥିଲେ। ନୂତନ ସଦସ୍ୟତା ଅଭିଯାନ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ କିପରି ଅଧିକରୁ ଅଧିକ ସଦସ୍ୟଙ୍କୁ ଦଳରେ ସାମିଲ କରାଯିବ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେପ୍ଟେମ୍ବର ୧ରୁ ୨୫ ଘରକୁ ଘର ସଦସ୍ୟତା ଅଭିଯାନ। ଏହି ସଦସ୍ୟତା ମୋବାଇଲ ମାଧ୍ୟମରେ ହେବ ଏବଂ ଯେଉଁମାନଙ୍କର ମୋବାଇଲ ନାହିଁ, ସେମାନେ ଏକ ଫର୍ମ ପୂରଣ କରି ଦେବେ। ଚଳିତ ମାସ ୨୬, ୨୭, ୨୮ରେ ମଣ୍ଡଳସ୍ତରୀୟ କର୍ମଶାଳା ପରେ ୩୧ରେ ୨୫୭ ବୁଥ୍‌ରେ ଏହି ସଦସ୍ୟତାକୁ ନେଇ ନିର୍ବାଚନମଣ୍ଡଳୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଥିଲେ। ସମସ୍ତ ମଣ୍ଡଳ ପ୍ରଭାରୀ ଓ ସଭାପତି କର୍ମଶାଳାରେ ଉପସ୍ଥିତ ଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ମହିଳା ସମ୍ପାଦିକା ରଞ୍ଜିତା ସ୍ୱାଇଁ, ବରିଷ୍ଠ ଭାଜପା ନେତା ଅଶୋକ ପୁହାଣ, ରଘୁନାଥ ଲେଙ୍କା, ଧାମନଗର ସହରୀ ମଣ୍ଡଳ ସଭାପତି କୈଳାଶ ଚନ୍ଦ୍ର ମହାପାତ୍ର, ଅରବିନ୍ଦ ପତି, ବିରେନ୍ଦ୍ର ଜେନା, ବିଦ୍ୟାଧର ରାଉତ, ହରେକୃଷ୍ଣ ପାଢ଼ୀ, ରାମଚନ୍ଦ୍ର ମିଶ୍ର, ଅଜୟ କୁମାର ବଳ, ତପନ କୁମାର ପାଢ଼ୀ, ସୁଧାଂଶୁ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ଦାସ, ଦେବେନ୍ଦ୍ର ପୁହାଣ, ଦୀନବନ୍ଧୁ ପତି, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରୁ ରକ୍ଷା ପାଇଁ ତାଳ ମଞ୍ଜି ରୋପଣ


ତିହିଡ଼ି ଯୁବମଞ୍ଚ ପକ୍ଷରୁ ତାଳ ମଞ୍ଜି ରୋପଣ କରାଯାଉଛି।

ତିହିଡ଼ି,୨୫।୮ (ସଞ୍ଜିତ ବଳ)

ସାମ୍ପ୍ରତିକ ସମୟରେ ବଜ୍ରପାତ ପ୍ରଭାବରେ ବହୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏଥିସହ ବହୁ ଧନ ସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି। ଏହାର ମାତ୍ରାକୁ କମ୍ କରିବା ପାଇଁ ତାଳଗଛ ହିଁ ମାଧ୍ୟମ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ସରକାର ମଧ୍ୟ ତାଳଗଛ ଲଗାଇବାକୁ ପ୍ରାଥମିକତା ଦେବା ସହ ସଂରକ୍ଷଣ ଆଇନ ଆଣିଛନ୍ତି ଏବଂ ତାଳଗଛ କାଟିବାକୁ ନିଷେଧ କରିଛନ୍ତି। ତିହିଡ଼ି ଯୁବମଞ୍ଚ ପକ୍ଷରୁ ତିହିଡ଼ି ବ୍ଲକରେ ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରବିବାର ପ୍ରଥମ ପର୍ଯ୍ୟାୟରେ ବାରୋ ପଞ୍ଚାୟତର ବିଭିନ୍ନ ସ୍ଥାନରେ ରୋପଣ କରାଯାଇଛି। ଚଳିତବର୍ଷ ୨୦୦ ତାଳ ମଞ୍ଜି ବିଭିନ୍ନ ସ୍ଥାନରେ ରୋପଣ କରାଯିବ ବୋଲି କୁହାଯାଇଛି। ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସଦସ୍ୟ ସୁବ୍ରତ ମିଶ୍ର, ବାସ୍ତବ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଆଇଏମ୍‌ଏ ପକ୍ଷରୁ ସ୍ମୃତିସଭା


ସଭାରେ ଉପସ୍ଥିତ ଆଇଏମ୍‌ଏର କର୍ମକର୍ତ୍ତା ଓ ଅନ୍ୟମାନେ।

ଭଦ୍ରକ,୨୫।୮ (ସନାତନ ରାଉତ/ରବିନାରାୟଣ ଖିଲାର)

ଭାରତୀୟ ଚିକିତ୍ସକ ସଂଘର ଭଦ୍ରକ ଶାଖା ଏବଂ ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନ ଆନୁକୂଲ୍ୟରେ ଦିବଂଗତ ଡାକ୍ତରଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଓରିଅନ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆଇଏମ୍‌ଏର ଭଦ୍ରକ ସଭାପତି ଡାକ୍ତର ରବୀନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ଡା. ହରେକୃଷ୍ଣ ନାୟକ ମୁଖ୍ୟଅତିଥି, ସମ୍ପାଦକ ଡା. ରଣଜିତ ଖଟୁଆ ଓ ଡା. ସଞ୍ଜୟ ନିରଞ୍ଜନ ବକ୍ତା ଭାବେ ସ୍ୱର୍ଗତ ଡା. ରବିନାରାୟଣ ପାଣିଗ୍ରାହୀ ଓ ଡା. ଭଜହରି ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଡା. ଶତ୍ରୁଘ୍ନ ହାତୀ, ପ୍ରଫୁଲ୍ଲ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଦାସ, ଝାସକେତନ ମହାନ୍ତି, ସୁଧୀରଞ୍ଜନ ନାୟକ, ସତ୍ୟଭାମା ଦାସ, ବି. ଏମ୍ ପଣ୍ଡା, ଭଗବାନ ଦୀକ୍ଷିତ, ଜି ସି ମହନ୍ତ, ନିର୍ମଳ ପଣ୍ଡା, ଧନଞ୍ଜୟ ପଣ୍ଡା, ଦୀପ୍ତି ମୋହନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଡା. ସୁବାଷ ବିଶ୍ୱାଳ ଅତିଥି ପରିଚୟ ଓ ଦେବରାଜ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଲାଲାଲଳିତ ନାୟକ, ରଞ୍ଜନ ରାଉତ, ରମାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଜଳିଗଲା ୨ ବଖରା

ବାସୁଦେବପୁର,୨୫।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନ ବାଲିମେଦ ପଞ୍ଚାୟତର ଛତ୍ରପଦା ଗାଁରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସିମିଳା ମଲିକଙ୍କ ୨ ବଖରା ଘର ସହ ଗୋରୁ ଗୁହାଳ ଓ ରୋଷେଇ ଘର ଜଳିଯାଇଛି। ତାଙ୍କର ଘରୋଇ ଉପକରଣ, ଆସବାବପତ୍ର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବାକୁ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା ଓ ଗ୍ରାମବାସୀ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ

## ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ଭଦ୍ରକ,୨୫।୮ (ସନାତନ ରାଉତ)


ଅସୁରା-କୋଡ଼ଗମ୍ଭୀର ରାସ୍ତାରେ ଖାଲଖମା ଭର୍ତ୍ତି।

୧୬ ନଂ. ଜାତୀୟ ରାଜପଥରୁ ଭଦ୍ରକ ବ୍ଲକର ସାବରଙ୍ଗକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସଂଯୋଗ କରୁଛି। କୋଡ଼ବରୁଆଁ, କୋଡ଼ଗମ୍ଭୀର, ଛତିଶବିରଜାପୁର, ପଲ୍ଲୀ, ପଗଡ଼, କ୍ଷୀରସାହି ଦେଇ ସାବରଙ୍ଗ ବଜାରକୁ ସଂଯୋଗ କରିଛି ଏହି ରାସ୍ତା। ମରାମତି ଅଭାବରୁ ଅସୁରା ଛକଠାରୁ କୋଡ଼ଗମ୍ଭୀର ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ଚଣ୍ଡୀଗାଁ, କୋଡ଼ବରୁଆଁ ଓ ସାବରଙ୍ଗ ୩ ପଞ୍ଚାୟତର ଲୋକ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯିବାଆସିବା କରିଥାନ୍ତି। ଭଦ୍ରକ ସଦର ମହକୁମାକୁ ଯିବା ପାଇଁ ଚଣ୍ଡୀଗାଁ ଓ କୋଡ଼ବରୁଆଁ ପଞ୍ଚାୟତବାସୀଙ୍କ ଏହା ଏକମାତ୍ର ରାସ୍ତା ହୋଇଥିବା ବେଳେ ଏବେ ବର୍ଷାଦିନେ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ବହୁ ଗାଡ଼ ଯୋଗୁ ଜରୁରୀକାଳୀନ ସେବା ପାଇଁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ପହଞ୍ଚିବାରେ ବହୁ ବିଳମ୍ବ ହେଉଛି। ଦୀର୍ଘଦିନ ଧରି ରାସ୍ତାର ଅବସ୍ଥା ଶୋଚନୀୟ ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ ନଜର ପଡୁନାହିଁ। ଆଗାମୀ ଦିନରେ ଏହି ରାସ୍ତା ମରାମତି ନ ହେଲେ ଏକ ଜନଆନ୍ଦୋଳନ ହେବ ବୋଲି କୋଡ଼ବରୁଆଁ ପଞ୍ଚାୟତର ଯୁବ ସାମାଜିକ କର୍ମୀ ରଘୁରାମ ଯେନା ଚେତାବନୀ ଦେଇଛନ୍ତି।

